### ପାଣିରେ ବୁଡ଼ି ଜଣେ ମୃତ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଥାନା ଅନ୍ତର୍ଗତ ସମାପାଜୁ ଗ୍ରାମରେ ପାଣିରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସମାପାଜୁ ଗ୍ରାମର ପ୍ରକାଶ ବେହେରା(୨୫) ବୁଧବାର ଗ୍ରାମ ନିକଟରେ ଥିବା ମୁଣ୍ଡାଜୋରକୁ ଯାଇଥିଲେ । ସେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ମୁଣ୍ଡାଜୋରରେ ମୃତଦେହ ପଡିଥିବାର ଦେଖିବାକୁ ପାଇଥିଲେ । ଖବରପାଇ ବଘିଆପଡା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ସଂକ୍ଷେପରେ

### ବାରପାହାଡ଼ କପ କ୍ରିକେଟ ଅଙ୍କରିଆପଦର ଚାମ୍ପିୟନ

**ଲୋଇସିଂହା,୩୦ା୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲୁପାଲିଠାରେ ବାରପାହାଡ ବୁଢା କପ କ୍ରିକେଟ ଧମାକା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ କଦଳୀପାଲି ଓ ଅଙ୍କରିଆପଦର ମଧ୍ୟରେ ହୋଇଥିଲା। ଅଙ୍କରିଆପଦର ପ୍ରଥମେ ବ୍ୟାଟିଂ କରି ୪ଉଇକେଟରେ ୫୮ ରନ କରିଥିଲା। ଜବାବରେ କଦଳୀପାଲି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୪୫ ରନ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଉର୍କୁଲୀ ଧରୁଆ, ସାମାଜିକ କର୍ମୀ ସୁଶାନ୍ତ ବାରିକ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ୩ ହଜାର ଓ ଉପବିଜେତା ଦଳକୁ ୨ହଜାର ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ ।

### ଡାକ୍ତରଖାନାରେ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁ

**ବୌଦ୍ଧ,୩୦ା୧୨(ସ୍ୱ.ପ୍ର.)**-ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ତାଙ୍କର ପରିଚୟ ମିଳି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ମନମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଚିକିତ୍ସିତ ହେଉଥିଲେ । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବୌଦ୍ଧ,୩୦ା୧୨(ସ୍ୱ.ପ୍ର.)**-ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସାନବଙ୍କାପଡା ଗ୍ରାମର ସୁରେଶ କର୍ଣ୍ଣ(୫୭)ଙ୍କ ମୃତଦେହ ବୁଧବାର ଗ୍ରାମ ନିକଟ ଏକ ବିଲରୁ ଉଦ୍ଧାର କରାଯାଇଛି। ସୁରେଶ ସୋମବାର ସକାଳେ ଶୌଚ ହେବାକୁ ମହାନଦୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ । କିନ୍ତୁ ତାଙ୍କର ପତ୍ତା ମିଳି ନ ଥିଲା। ଶେଷରେ ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### କର୍ଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ

**କର୍ଲାମୁଣ୍ଡା, ୩୦ା୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭାଗୃହଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ ଅରବିନ୍ଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଧାନସଭା ଢ଼ାଞ୍ଚାରେ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ବିଭିନ୍ନ ସମସ୍ୟା ନେଇ ପ୍ରଶ୍ନ ପଚାରିଥିଲେ। ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ କଣ୍ଟିଜେନ୍ସି ଓ ସୁଧ ଟଙ୍କା ଖର୍ଚ୍ଚ ବିବରଣୀ ଜାଣିବାକୁ ଚାହିଁଥିବା ପ୍ରଶ୍ନର ଉତ୍ତର ବ୍ଲକ କର୍ତ୍ତୃପକ୍ଷ ଦେଇ ନ ପାରି ହଟହଟା ହୋଇଥିଲେ। ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ଉପାଧ୍ୟକ୍ଷା ଆନନ୍ଦିନୀ ଭୋଇ, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରାଇଭିଂ ଲାଇସେନ୍ସ ନ ଥିଲେ ଗାଡ଼ି ଜବତ ହେବ

**ସୋନପୁର,୩୦ା୧୨(ନି.ପ୍ର.)**


ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ ଓ କମିଟିର ସଦସ୍ୟ ବୃନ୍ଦ ।

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

- ହେଲ୍‌ମେଟ୍ ପିନ୍ଧି ନ ଥିଲେ ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ ହେବ

ଜାନୁୟାରୀ ପହିଲାରୁ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ଚଳାଉଥିବା ଗାଡିଚାଳକଙ୍କ ଗାଡି ଜବତ ହେବ । ଏଥିସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ବିନା ହେଲ୍‌ମେଟ୍‌ରେ ଗାଡି ଚାଳନା କରୁଥିବା ବାଇକ୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ ହେବ। ଜିଲାର ସମସ୍ତ ଥାନା ଅଞ୍ଚଳରେ ଉଭୟ ପରିବହନ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢାଉକୁ କଡାକଡି କରାଯିବ । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନା ପଞ୍ଚାଇବା ପାଇଁ ସରକାର ଆରମ୍ଭ କରିଥିବା ସବ୍‌ମେରିଟୋନ୍ ପଲିସି ସମ୍ପର୍କରେ ଅଧିକ ସଚେତନତା ପାଇଁ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରେଡକ୍ରସ ଓ ଯୁବକ ସଂଘଗୁଡିକୁ ସାମିଲ କରାଯିବ ବୋଲି ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାବ୍ୟତୀତ ଜାନୁୟାରୀ ପହିଲାରୁ ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା, ବାଇକ୍‌ରେ ତିନି ଜଣ ଯାତ୍ରା, ଦ୍ରୁତ ଗତିରେ ଗାଡିଚାଳନା, ଗାଡିଚାଳନା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲା ସଡକ ସୁରକ୍ଷା କମିଟି ଅଧ୍ୟକ୍ଷା ତଥା ଜିଲାପାଳ ମୋନିଷା ବାନାର୍ଜୀ ଅଧ୍ୟକ୍ଷତା କରି ଜିଲାରେ ଦୁର୍ଘଟଣା ହାର କମ୍ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ନୋ ହେଲ୍‌ମେଟ୍ ନୋ ପେଟ୍ରୋଲ ବ୍ୟବସ୍ଥାକୁ ଅଧିକ କ୍ରୀୟାଶୀଳ କରିବା ପାଇଁ ଜିଲାର ସମସ୍ତ ପେଟ୍ରୋଲ ପମ୍ପରେ ଲାଗିଥିବା ସିସି ଟିଭିକୁ ପରିବହନ ବିଭାଗ ଓ ପୋଲିସ ବିଭାଗ ସହ ଲିଙ୍କ୍ କରି ତାକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକ ଆରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗତ ୨୦୧୯ରେ ଜିଲାରେ ୧୧୧ଟି ଦୁର୍ଘଟଣାରେ ୫୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ୮୭ ଦୁର୍ଘଟଣାରେ ୬୨ ଜଣଙ୍କ ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଥିଲେ । ବୈଠକରେ କମିଟି ସଦସ୍ୟ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଅଧିକ କ୍ରିୟାଶୀଳ କରିବା ସହ ତିନିଜଣ ବସିଥିବା ଗାଡିଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ବିଶେଷ କରି ଜିନିଷପତ୍ର ବୋହୁଥିବା ଗାଡିରେ ଯାତ୍ରୀ ପରିବହନକୁ କଡାକଡି ଯାଞ୍ଚ କରାଯାଇ ସେଭଳି ଗାଡିର ଡ୍ରାଇଭର ବିରୋଧରେ ମଧ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ବୈଠକରେ ଡିଏସ୍‌ପି ହେମସାଗର ନନ୍ଦ, ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା, ସହକାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନବ କିଶୋର ବେହେରା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଜିଲା ସଡକ ସୁରକ୍ଷା କମିଟି ସଦସ୍ୟ ସ୍ୱାଧୀନ କୁମାର ମେହେର, ପୁରୁଷୋତ୍ତମ ପାଣିଗ୍ରାହୀ ଓ ରେଆର ସମ୍ପାଦକ ଅନଙ୍ଗ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୱେସ୍କୋ ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ


ଭିଜିଲାନ୍ସ ପକ୍ଷରୁ ୱେସ୍କୋ ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି।

**ବଲାଙ୍ଗୀର ଅଫିସ, ୩୦ା୧୨**

- ବାହାରିଲା ସୁନା ବିସ୍କୁଟ୍, ଅଳଙ୍କାର
- ୧ କୋଟି ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

ବଲାଙ୍ଗୀର ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ବିଭୂତି ଶଙ୍କର ବିହାଣୀଙ୍କ ଘରେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଟିମ୍ ପକ୍ଷରୁ ବୁଧବାର ଚଢ଼ାଉ କରିଥିଲା। ବିହାଣୀଙ୍କ ସର୍କିଟ ହାଉସ ନିକଟ ଘର ଏବଂ ୱେସ୍କୋ ଅଫିସରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଭିଜିଲାନ୍ସ ଟିମ୍ ବିହାଣୀଙ୍କ ଘରୁ ୧୬ ଲକ୍ଷ ୩୨ହଜାର ନଗଦ ଟଙ୍କା ଜବତ କରିଥିଲା। ତାଙ୍କ ଘରେ ୧୩.୫୬ ଲକ୍ଷ ଟଙ୍କାର ସୁନା ବିସ୍କୁଟ ଓ ଗହଣା, ୬୭ଲକ୍ଷ ଟଙ୍କାର କୋଠା, ୧୨ ଲକ୍ଷ ୫୧ ହଜାର ଟଙ୍କାର ଦୁଇଟି ବାଇକ୍ ଓ ଗୋଟିଏ କାର, ୧୯ ଲକ୍ଷ ୪୫ ହଜାର ଟଙ୍କାର ବୀମା, ୨ଲକ୍ଷ ୯୦ହଜାର ଟଙ୍କାର ଆସବାବପତ୍ର, ୬ ଲକ୍ଷ ୯୭ ହଜାର ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଥିବା ଜଣାପଡିଥିଲା। ବିହାଣୀଙ୍କ ମୋଟ ସମ୍ପତ୍ତି ୧ କୋଟି ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଆକଳନ କରାଯାଇଥିଲା। ଜବତ ହୋଇଥିବା ନଗଦ ଟଙ୍କାରୁ ୧୪ ଲକ୍ଷ ଟଙ୍କା ତାଙ୍କ ଶାଳୀଙ୍କର ବୋଲି ବିହାଣୀ କହିବା ପରେ ତାଙ୍କ ଶାଳୀ ଓ ସମ୍ପର୍କୀୟଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା। ହେଲେ ସେମାନେ ଭିଜିଲାନ୍ସକୁ ନିର୍ଭରଯୋଗ୍ୟ ତଥ୍ୟ ଦେଇପାରି ନ ଥିବା ଜଣାପଡିଛି। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦାଶରଥୀ ସେଠୀ, ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ, ବରଗଡ ଭିଜିଲାନ୍ସ ଡିଏସ୍‌ପି ପରମେଶ୍ୱର କିଶାନ୍, ଡିଏସ୍‌ପି ଏମ୍ ମିଞ୍ଜ, ଇନ୍ସପେକ୍ଟର ସଦାନନ୍ଦ ପାଣି, ତପସ୍ୱିନୀ ସେଠୀ, ସୁଜାତା ହୋତା, ମାନସୀ ଜେନା ଚଢାଉରେ ସାମିଲ ହୋଇଥିଲେ । ଏହି ମାମଲାରେ ଅଧିକ ପଚରାଉଚରା ପାଇଁ ଆକାଉଣ୍ଟାଣ୍ଟ ବିହାଣୀଙ୍କୁ ବଲାଙ୍ଗୀର ଭିଜିଲାନ୍ସ ଅଫିସକୁ ନିଆଯାଇଛି ।


ୱେସ୍କୋ ଆକାଉଣ୍ଟାଣ୍ଟ ବିଭୂତି ଶଙ୍କର ବିହାଣୀ ।

# ଆଠ ମହଲାରୁ ଖସିପଡ଼ି ଦାଦନ ଶ୍ରମିକ ମୃତ

**ସଇଁତଲା, ୩୦ା୧୨(ଡି.ଏନ.ଏ.)**


ମନୋଜ ଭୋଇଙ୍କ ଫାଇଲ ଫଟୋ।

ଗୁଜୁରାଟକୁ ଦାଦନ ଖଟିବାକୁ ଯାଇଥିବା ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁଆଁର ଗାଁର ଜଣେ ଯୁବକଙ୍କ ଏକ ଆଠ ମହଲା କୋଠାରୁ ଖସି ପଡିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମନୋଜ କୁମାର ଭୋଇ(୨୯)। କିଛିମାସ ତଳେ ମନୋଜ ଗୁଜୁରାଟ ରାଜକୋଟ ଜିଲା କଲାଭାଡ଼ ରୋଡ଼ରେ ଥିବା ସ୍ପିଡ଼ବେଲହାଇଟ କମ୍ପାନୀର ଅମ୍ବିକା ଟାୱାର ନଂ-୬ରେ କାମ କରୁଥିଲେ। ଗତ ସୋମବାର ଅପରାହ୍ନ ୪ଟାରେ ସେ ଏକ ୮ମହଲା କୋଠାରେ କାମ କରୁଥିବାବେଳେ ଛାତରୁ ଖସି ପଡ଼ିଥିଲେ। ହେଲେ କମ୍ପାନୀ କିମ୍ବା ତାଙ୍କର କୌଣସି କର୍ମଚାରୀ ତାଙ୍କୁ ଡ଼ାକ୍ତରଖାନାକୁ ନେଇ ନ ଥିଲେ। ସନ୍ଧ୍ୟା ୭ଟାରେ ମନୋଜଙ୍କ ମୃତ୍ୟୁ ଘଟିଥିବା ନେଇ ତାଙ୍କ ବାପାଙ୍କୁ ଖବର ଦିଆଯାଇଥିଲା। କମ୍ପାନୀ ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମନୋଜଙ୍କ ମୃତଦେହକୁ କୁଆଁର ଗାଁକୁ ପଠାଇ ଦେଇଥିଲା । ବୁଧବାର ମନୋଜଙ୍କ ମୃତଦେହ ଏଠାରେ ପହଞ୍ଚିବା ପରେ କ୍ଷତିପୂରଣ ଦାବି କରି ଗ୍ରାମବାସୀ ଆମ୍ବୁଲାନ୍ସକୁ ଅଟକ ରଖିଥିଲେ। କମ୍ପାନୀ ମାଲିକଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରାଯାଇଥିଲା। ଦୀର୍ଘ ସମୟ ପରେ ମାଲିକ ଫୋନ ଉଠାଇ ଏକ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବାକୁ କହିବା ପରେ ଗ୍ରାମବାସୀ ଦୀର୍ଘ ୫ ଘଣ୍ଟା ପରେ ଆମ୍ବୁଲାନ୍ସକୁ ଛାଡ଼ିଥିଲେ। ମନୋଜ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିବାରୁ ତାଙ୍କ ପରିବାରକୁ ସରକାରକୁ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବାସନ୍ଦ ଭୟରେ ମୃତଦେହକୁ ଗ୍ରାମକୁ ନେଲେ ନାହିଁ ପରିବାର

**ଆଜୀବନ ସଜା କାଟୁଥିବା କଏଦୀଙ୍କ ବୌଦ୍ଧ ଜେଲରେ ମୃତ୍ୟୁ**

**ବୌଦ୍ଧ,୩୦ା୧୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲାଣ୍ଡବନ୍ଧ ନିକଟରେ ଥିବା ଜେଲରେ ଏକ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ଜଣେ କଏଦୀଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ତେବେ ବାସନ୍ଦ ଭୟରେ ମୃତଦେହକୁ ପରିବାର ଲୋକେ ଗ୍ରାମକୁ ନେଇ ନ ଥିଲେ । ପ୍ରକାଶ ଯେ, ମନମୁଣ୍ଡା ଥାନା ଅନ୍ତର୍ଗତ ଚମରାବାହାଲ ଗ୍ରାମର ସନ୍ତୋଷ ବାରିକ ୨୦୧୭ ମସିହାରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ବେଳେ ୨୦୧୯ ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ସେହିଦିନ ଠାରୁ ସେ ବୌଦ୍ଧ ଜେଲରେ ସଜା କାଟୁଥିଲେ । ମଙ୍ଗଳବାର ଖାଇସାରିବା ପରେ ହଠାତ୍ ସେ ଅସୁସ୍ଥ ହୋଇ ପଡିଥିଲେ । ଫଳରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା । ବ୍ୟବଚ୍ଛେଦ ପରେ ମୃତଦେହକୁ ସତ୍କାର ପାଇଁ ନେବାକୁ ପରିବାର ଲୋକଙ୍କୁ କୁହାଯାଇଥିଲା । କିନ୍ତୁ ସାମାଜିକ ବାସନ୍ଦ ଭୟରେ ମୃତଦେହକୁ ନିଜ ଗ୍ରାମ ଚମରାବାହାଲକୁ ନେବାକୁ ପରିବାର ଲୋକ ରାଜି ହୋଇ ନ ଥିଲେ। ଶେଷରେ ବୌଦ୍ଧ ଥାନା ପକ୍ଷରୁ ସ୍ଥାନୀୟ ସତ୍ୟସାଇ ସଂଗଠନର ସଭାପତି ଡା. ପ୍ରିୟବ୍ରତ ବେହେରାଙ୍କୁ ଯୋଗାଯୋଗ କରାଯାଇ ଶବ ସତ୍କାର ପାଇଁ ଅନୁରୋଧ କରାଯାଇଥିଲା । ଜେଲର ୱାର୍ଡନ ସୀମାଞ୍ଚଳ କହଁରଙ୍କ ସମେତ ସମସ୍ତ ଜେଲ କର୍ମଚାରୀଙ୍କ ଉପସ୍ଥିତିରେ ସତ୍ୟସାଇ ସଂଗଠନର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ବୌଦ୍ଧ ରାଜଘାଟଠାରେ ମୃତ କଏଦୀଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ମୃତ କଏଦୀଙ୍କ ନାବାଳକ ପୁତ୍ର ମୁଖାଗ୍ନି ଦେଇଥିଲେ। ସତ୍ୟସାଇ ସଂଗଠନ ପକ୍ଷରୁ ସଭାପତି ଡା. ବେହେରାଙ୍କ ସମେତ ଏ.ମହାରଣା, ମନୋରଞ୍ଜନ ମହାକୁଡ, କେଶବ ବେହେରା, କୃଷ୍ଣ ଗୋବିନ୍ଦ ମହାପାତ୍ର, ଆକାଶ ମେହେର, ରିତେଶ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

# ଲାଞ୍ଚ ନେଇ ସବ୍‌ରେଜିଷ୍ଟ୍ରାର ଅଫିସ କିରାଣି ଗିରଫ

**ଖଡିଆଳ, ୩୦ା୧୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସବ୍‌ରେଜିଷ୍ଟ୍ରାର ଅଫିସର ଜୁନିୟର କିରାଣି ସଞ୍ଜୟ କୁମାର ନାୟକ ଜମି ରେଜିଷ୍ଟ୍ରି କରାଇ ଦେବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଖଡିଆଳ ତହସିଲ ଅନ୍ତର୍ଗତ ସୁନାରିସିକୁଆଁ ଗ୍ରାମର ପରମେଶ୍ୱର ବାରିକଙ୍କ ସ୍ତ୍ରୀ ଅଞ୍ଜୁ ବାରିକଙ୍କ ନାଁରେ ୩୦ ଡେସିମିଲ ଜମି ରେଜିଷ୍ଟ୍ରି ପାଇଁ ନାୟକ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପରମେଶ୍ୱର ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ପରମେଶ୍ୱରଙ୍କଠାରୁ ସବ୍‌ରେଜିଷ୍ଟ୍ରାର ଅଫିସର ଜୁନିୟର କିରାଣି ନାୟକ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଜଗିରହିଥିବା ନୂଆପଡା ଓ ଭବାନୀପାଟଣା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲେ। ଏହା ବ୍ୟତୀତ କିରାଣି ନାଏକଙ୍କ ସରକାରୀ ବାସଭବନ ଓ ନୂଆପଡାସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ ସୂଚନା ଦେଇଛନ୍ତି। ନୂଆପଡା ଓ ଭବାନୀପାଟଣା ଭିଜିଲାନ୍ସ ବିଭାଗ ଡିଏସପି ସତ୍ୟବାନଙ୍କ ନେତୃତ୍ୱରେ ଭିଜିଲାନ୍ସ କର୍ମଚାରୀ ମାନେ ଚଢ଼ାଉରେ ସାମିଲ ଥିଲେ।

# ଇସ୍ରୋ ଅଭିମୁଖେ ବାହାରିଲେ ନିହାର

**ବରଗଡ଼ ଅଫିସ,୩୦ା୧୨**


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ବୃନ୍ଦ ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଝାରପାଲି ଗ୍ରାମରୁ ଇସ୍ରୋ ବୈଜ୍ଞାନିକଭାବେ ମନୋନୀତ ହୋଇଥିବା ନିହାର ରଞ୍ଜନ ପ୍ରଧାନ ବୁଧବାର ଇସ୍ରୋ ଅଭିମୁଖେ ବାହାରିଛନ୍ତି। ରାତ୍ରି ୧୦ଟାରେ ସେ ଗାଁ ଛାଡ଼ି ରାୟପୁରରୁ ଫ୍ଲାଇଟ୍ ଯୋଗେ ବୋଲି ନିହାର କହିଛନ୍ତି। ଏହି ସଫଳତା ଯୋଗୁ ନିହାରଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିବା ଗ୍ରାମ ପ୍ରାଥମିକ ସ୍କୁଲରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସମାରୋହରେ ବିଇଓ ଟେଲଲାଲ ଦୁବେ, ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ପଟେଲ, ଅବସରପ୍ରାପ୍ତ ସ୍କୁଲ ଅନୁନିରୀକ୍ଷକ କ୍ଷୀତେଶ୍ୱର ଭୋଇ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସହରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ନିହାରଙ୍କୁ ମାନପତ୍ର, ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଦେବାର୍ଚ୍ଚନା ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଠାକୁରରାମ ସାହୁ ବକ୍ତବ୍ୟ ପ୍ରଦାନ କରି ନିହାରଙ୍କ ସଫଳତା କାହାଣୀ ଉପରେ ମତ ରଖିଥିଲେ । ଏଭଳି ପ୍ରତିଭାଧାରୀ ପାଇଁ ଆଜି ଝାରପାଲି ଗ୍ରାମ ଗର୍ବିତ ବୋଲି ଗ୍ରାମର ସନ୍ତୋଷ ବାରିକ, ରୋହିତ ମହାପାତ୍ର, କୃଷ୍ଣଚନ୍ଦ୍ର ବାରିକ, ଗୋପୀନାଥ ସାହୁ ଅଭିଭାଷଣରେ କହିଥିଲେ ।

# ବରଗଡ଼ ବ୍ଲ୍ୟୁ ଡାଇମଣ୍ଡ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ପାଇକମାଲ, ୩୦ା୧୨ (ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଛିନ୍ଦେଇକେଲା କପ ବୁଧବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ବରଗଡ ବ୍ଲ୍ୟୁ ଡାଇମଣ୍ଡ କଣ୍ଟାବାଞ୍ଜି ଫ୍ରେଣ୍ଡସ୍ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଫେଣ୍ଡସ୍ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୧୪୯ ରନ କରିଥିଲା। ବ୍ଲ୍ୟୁ ଡାଇମଣ୍ଡ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଓସିଏ ଅମ୍ପେୟାର ସଚ୍ଚିଦାନନ୍ଦ ପଣ୍ଡା ଓ ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ଅତିଥିଭାବେ ମହେନ୍ଦ୍ର ଖୁଣ୍ଟିଆ, ତପନ କୁମାର ବହିଦାର, ଅନିରୁଦ୍ଧ ପଣ୍ଡା ଯୋଗଦେଇଥିଲେ। ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଛିନ୍ଦେଇକେଲା ସରପଞ୍ଚ ରାମଚନ୍ଦ୍ର ସାହୁ, ଉମେଶ ବିଶ୍ୱାଳ, ଆୟୋଜକ କମିଟି ସଭାପତି ଆନନ୍ଦ ସାହୁ, ଓସିଏ ଅମ୍ପେୟାର ସଞ୍ଜୟ ନାଏକ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଓ ରନର୍ସ ଦଳ କଣ୍ଟାବାଞ୍ଜିକୁ ନଗଦ ଟ୍ରଫି ସହ ୨୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ।

# ନାଇଡୁ ସ୍ମାରକୀ କ୍ରିକେଟ: କୁରୁଆଁ ଚାମ୍ପିୟନ

**ଜାମଟିକ୍ରା, ୩୦ା୧୨ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ହାଇସ୍କୁଲ ପଡିଆରେ ଚାଲିଥିବା ନାଇଡୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କୁରୁଆଁ ମିଲୁ ଏକାଦଶ ଓ ଅତାବିରା ବୀରସୁରେନ୍ଦ୍ର ସାଏ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। କୁରୁଆଁ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୦୦ରନ କରିଥିଲା। ଜବାବରେ ଅତାବିରା ୭୬ ରନ୍ କରି ପରାଜିତ ହୋଇଥିଲା। କୁରୁଆଁର ରଣଜିତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ରାଜୁ ଶ୍ରେଷ୍ଠ ବୋଲର, ପ୍ରେମା ଶ୍ରେଷ୍ଠ ଫିଲ୍ଡର, ବିନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଅତାବିରାର ଲିପିନ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଅତାବିରା ଏନଏସି ଅଧ୍ୟକ୍ଷା ଦୀପାଞ୍ଜଳି ଭରାସାଗର, ୱେସ୍କୋ ଏସ୍‌ଡିଓ ବିଜୟ ବେହେରା ଅତିଥି ଭାବେ ଯୋଗଦେଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

NEA YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବାବା ଅମିଲ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, CUTTACK
Lifeline of Odisha No. CAD-998 CIN:U40102OR2004SGC007553
OPEN TENDER CALL NOTICE NO-02/CTC/2020-21
Tenders for Hiring of diesel run commercial registered light motor vehicle (9 seated Mahindra Bolero plus or equivalent) under the jurisdiction of EHT (O&M) Circle, Cuttack. For Detail specification/corrigendum please visit: www.optcl.co.in.
FIPR- 53/2020-21 OIPR-04011/11/0085/2021 Sd/-General Manager (EL)

OFFICE OF THE PANCHAYAT SAMITI, UMERKOTE
e-PROCUREMENT NOTICE
Bid Identification No. 01/2020-2021

| | | |
|---|---|---|
| 01 | Name of the Work | Const. of Labour Room at Sunabeda PHC under Umerkote Panchayat Samiti |
| 02 | Nos. of Work | 01 |
| 03 | Amount put to Tender | Rs.25,21,295.00 |
| 04 | Period of Completion | 06 (Six) Months |
| 05 | Date of tender paper available | 01.01.2021 to 15.01.2021 (Tender paper to be downloaded from website www.nabarangpur.nic.in) |
| 06 | Last date of receipt tender paper | 16.01.2021 (During office hours) through Registered Post/Speed Post only. After 5.30 P.M. of 16.01.2021. No Potal, Registered/Speed Post will be received by the undersigned |
| 07 | Date of opening tender paper | 18.01.2021 (Time 11.00 A.M.) at Office Chamber of Block Dev. Officer, Umerkote |
| 08 | Details of terms & condition of the tender | Bids documents consisting of the schedule of quantities & the set of terms & conditions of contact & other necessary documents can be downloaded from the official website (www.nabarangpur.nic.in) |
| 09 | Name & address of the Officer Inviting Bid | Block Development Officer, Umerkote |
| 10 | Cost of tender documents | Rs.6000.00 (Rupees six thousand) only non-refundable shall be deposited in shape of Bank Draft in favour of Block Development Officer, Umerkote payable at State Bank of India, Umerkote. |
| 11 | Further details can be seen from the procurement portal | www.nabarangpur.nic.in |

Block Development Officer, Umerkote

SEALED TENDER CALL NOTICE FOR SUPPLY OF APIS CERENE INDICA BEE BOXES
No.2360/ DIC(K) Date 30.12.2020
Sealed tenders are invited in the prescribed format from reputed firm /Agencies for supply of Apis Cerena Indica Bee Boxes to the Bee Keeping Trainees in different Blocks of Keonjhar District as per specifications. The detail specifications along with terms and condition can be obtained from the office of GM, DIC, Keonjhar on payment of Rs. 10,000/ (Rupees Ten Thousand) only by DD/BC drawn in favour of the General Manager, DIC, Keonjhar which is non refundable. The details can be seen/ available in the NIC website www.kendujhar.nic.in. w.e.f 2nd January, 2021. The undersigned reserved the right to cancel any or all tender without assigning any reasons thereon.

| Date of commencement of tender | Last date & time of submission of tender | Date & time of opening tender paper |
|---|---|---|
| 31.12.2020 | 20.01.2021 at 5.00 P.M. | 21.01.2021 at 11.00 A.M. |

General Manager
DIC, Keonjhar

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୩୧ ଡିସେମ୍ବର, ୨୦୨୦



## ଧାନ ବୋଝେଇ ଟ୍ରକ୍‌ରେ ନିଆଁ

କିର୍ମିରା, (ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ମୁଖ୍ୟାଳୟ ଅନତି ଦୂରରେ ବୁଧବାର ଏକଧାନ ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଥିଲା। ସୂଚନା ଅନୁଯାୟୀ ଧାନ ବୋଝେଇ ଟ୍ରକ ଆଇଓସିଏଲ ପେଟ୍ରୋଲ ଡିପୁ ନିକଟ ବନ୍ଧରପଡା ଛକରେ ଠିଆହୋଇଥିଲା। ଡ୍ରାଇଭର ନିକଟସ୍ଥ ଦୋକାନକୁ ଯାଇଥିବାବେଳେ ହେଲପର ବସିବା ସ୍ଥାନରେ କୌଣସି କାରଣରୁ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ସେହିବାଟ ଦେଇ ଯାଉଥିବା ଖବରଦାତା ଡିଲେଶ୍ୱର ବାଗ୍ ଏହା ଦେଖି ପାଟି କରିଥିଲେ। ଡ୍ରାଇଭର ସହ ଖବରଦାତା ବାଗ୍ ଓ ସ୍ଥାନୀୟ ଦୁଇ ଯୁବକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଳମ୍ବ ହୋଇଥିଲେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ।

## ସଂକ୍ଷେପରେ

### ବିଜୟ୍ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ଗିରଫ

ସମ୍ବଲପୁର,୩୦।୧୨(ବ୍ୟୁରୋ): ଧନୁପାଲି ଥାନା ସାକ୍ଷୀପଡାର ବହୁ ଚର୍ଚ୍ଚିତ ବିଜୟ୍ ନାଏକ (୨୬) ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ନାଗ (୧୯)ଙ୍କୁ ଗିରଫ କରିଛି। ଏ ନେଇ ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ପୋଲିସ ଜଣେ ନାବାଳକଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ ସାଇକେଲ ଦୁର୍ଘଟଣାରୁ ଏହି ହତ୍ୟାକାଣ୍ଡ ଘଟିଥିଲା। ହତ୍ୟାକାରୀଙ୍କୁ ଗିରଫ ଦାବିରେ ଡିସେମ୍ବର ୧୭ରେ ସାକ୍ଷୀପଡାବାସୀ ଭିଏସ୍‌ଏସ୍ ମାର୍ଗ ସାକ୍ଷୀପଡା ଛକରେ ରାସ୍ତା ଅବରୋଧ କରିଥିଲେ।

### ସଂରକ୍ଷଣ ବ୍ୟବସ୍ଥାକୁ ଛାତ୍ର ବିଜେଡିର ସ୍ୱାଗତ

ବ୍ରଜରାଜନଗର, ୩୦।୧୨(ଡି.ଏନ.ଏ.): ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଲାଗି ରାଜ୍ୟ ସରକାର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହାକୁ ବ୍ରଜରାଜନଗର ଛାତ୍ର ବିଜେଡି ସ୍ୱାଗତ କରିଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ବ୍ରଜରାଜନଗର ସହରାଞ୍ଚଳର ଛାତ୍ରମାନେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଗ୍ରାମାଞ୍ଚଳର ଗରିବ ଛାତ୍ରୀଛାତ୍ର ଏହାର ସୁବିଧା ପାଇବେ ବୋଲି ଆଶା ପ୍ରକାଶ କରିଛନ୍ତି। ବ୍ରଜରାଜନଗର ସହର ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଝାରସୁଗୁଡା ଜିଲା ପୂର୍ବତନ ଉପ ବିଜେଡି ସଭାପତି ବିଶ୍ୱନାଥ ନାୟକ, ବରିଷ୍ଠ କର୍ମୀ ପ୍ରବୀଣ ମିଶ୍ର, ଛାତ୍ର ନେତା ସରୋଜ ସା ପ୍ରମୁଖ ଯୋଗଦେଇଥିଲେ।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀ ଅଟକ

କୁଚିଣ୍ଡା,୩୦।୧୨(ଡି.ଏନ.ଏ.): କୁଚିଣ୍ଡା ଥାନା କତରକେଲା ଗ୍ରାମର ମହିଳା ସନ୍ତୋଷିନୀ ବାଗ (୨୪)ଙ୍କୁ କିରୋସିନ ଢ଼ାଳି ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ସ୍ୱାମୀ ଦୁଷ୍ମନ୍ତ ବାଗଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ଥାନାରେ ୨୬୮/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ପାରିବାରିକ ଗଣ୍ଡଗୋଳକୁ ନେଇ ଦୁଷ୍ମନ୍ତ ଏଭଳି କରିଥିଲେ। ନିଆଁରେ ମହିଳାଙ୍କ ଶରୀରର ୭୦ ଭାଗ ପୋଡିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ମହିଳାଙ୍କ ଘର ଢୁଡିପାଲି ଗ୍ରାମରେ ବୋଲି ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବିଶାଲଖିଣ୍ଡାରେ ରାମଚଣ୍ଡୀ ମନ୍ଦିର ଭୂମିପୂଜା

ସମ୍ବଲପୁର,୩୦।୧୨(ବ୍ୟୁରୋ): ସମ୍ବଲପୁର ଜିଲା ବିଶାଲଖିଣ୍ଡା ଗ୍ରାମରେ ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ଦିର ନିର୍ମାଣ ଲାଗି ମଙ୍ଗଳବାର ଭୂମିପୂଜା ସମ୍ପନ୍ନ ହୋଇଛି। ପ୍ରାତଃରେ କଳସ ଯାତ୍ରା ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଅନୀତା ସାହୁ ଓ ଗୋପୀନାଥ ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଉପେନ୍ଦ୍ର ନାରାୟଣ ଭୋଇ ପୂଜାକାର୍ଯ୍ୟ କରିଥିଲେ। ବିଶାଲଖିଣ୍ଡା କୁଳତା ସମାଜ ସଭାପତି ସଚ୍ଚିଦାନନ୍ଦ ପ୍ରଧାନ, ସମ୍ପାଦକ ଜୟନାରାୟଣ ସାହୁ, କୋଷାଧକ୍ଷ ସୁଧୀର ବାରିକ ଭୂମିପୂଜା ପରିଚାଳନାରେ ସହଯୋଗ କରିଥିଲେ। ଭୂମିପୂଜନରେ ଦେବାଶିଷ ସାହୁ, ହିମାଂଶୁ ସାହୁ, ନରେନ୍ଦ୍ର ଭୋଇ, ବିନିତ ପ୍ରଧାନ, ହେମନ୍ତ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜଗଦୀଶ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନବୀନ ଗୁପ୍ତା ଧନ୍ୟବାଦ ଦେଇଥିଲେ।

### ଝାରସୁଗୁଡା ସଦର ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଲଖନପୁର,୩୦।୧୨(ଡି.ଏନ୍.ଏ.): ରାଜ୍ୟରେ ୬ଗୋଟି ନୂଆ ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏଥିମଧ୍ୟରେ ରହିଛି ଝାରସୁଗୁଡା ସଦର ଥାନା। ଏହି ଥାନା ପୂର୍ବରୁ ବିଟିଏମ୍ ଫାଣ୍ଡି ରହିଥିଲା। ଏହା ଝାରସୁଗୁଡା ଟାଉନ ଥାନା ଅଧୀନରେ ରହିଥିଲା । ସୁରକ୍ଷା ଦୃଷ୍ଟିରୁ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାବି ହୋଇଆସୁଥିଲା। ଉଦ୍‌ଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ରାହୁଲ ପିଆର୍ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ଧାନ ଗାଡ଼ି ଜବତ

**ପ୍ରଶାସନର ଚେତା ପଶିଲା**

■ ଚାଷୀଙ୍କ ଦାବି ସତ୍ତ୍ୱେ ଛାଡ଼ିଲେ ନାହିଁ

ସମ୍ବଲପୁର,୩୦।୧୨ (ବ୍ୟୁରୋ)

ଜିଲା ବାହାର ଧାନ ଜିଲାର ବିଭିନ୍ନ ମାର୍କେଟ ୟାର୍ଡକୁ ଆସୁଥିବା ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହାକୁ ଚାଷୀମାନେ ମଧ୍ୟ ବିରୋଧ କରୁଥିଲେ। ପ୍ରାୟ ୭୦ ପ୍ରତିଶତ ଧାନ ସଂଗ୍ରହ ପରେ ଏବେ ଜିଲା ପ୍ରଶାସନର ଚେତା ପଶିଛି। ଧାନ ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ଯୁଯୁମୁରା ସ୍ୱତନ୍ତ୍ର ସ୍କ୍ୱାଡ୍ ଓଆର୦୯ଏଚ-୪୭୫୯ନଂ. ୧୦ ଚକିଆ ଧାନ ବୋଝେଇ ଟ୍ରକ୍ ଜବତ କରିଛି। ଏଥିରେ ୫୪୧ ପ୍ୟାକେଟ (୨୦୨.୧୨ କୁଇଣ୍ଟାଲ) ଧାନ ରହିଥିଲା। ଜବତ ଧାନ ପ୍ୟାକେଟ ବଡେମୁରା ନିକଟ ଏକ ମିଲରେ ଅନ୍‌ଲୋଡ କରାଯାଇଛି। ଚଢାଉରେ ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ, ସଦର ଏସିଏସ୍‌ଓ ସୌଭାଗ୍ୟ ରଞ୍ଜନ ନାଏକ, ସମବାୟ ବିଭାଗ ଅଧିକାରୀ ତ୍ରିଲୋଚନ ଦେହୁରି, ଏମ୍‌ଆଇ ବିଷ୍ଣୁଚରଣ ପ୍ରଧାନ ସାମିଲ ଥିଲେ। ଘଟଣା ପରେ ମିଲକୁ ଯାଇ ଉକ୍ତ ଧାନ ତାଙ୍କର ବୋଲି ଭୋଇପାଲି ଗ୍ରାମର ଚାଷୀ ଶଶିଭୂଷଣ ତ୍ରିପାଠୀ ଦାବି କରିଥିଲେ। ତାଙ୍କର ଚାଷୀ ପରିଚୟ ପତ୍ର ଓ ଟୋକନ ଥିବା କହିଥିଲେ। ହେଲେ ଅଧିକାରୀମାନେ ଛାଡି ନ ଥିଲେ। ଯାଞ୍ଚ ସମୟରେ ଆବଶ୍ୟକ କାଗଜପତ୍ର ନ ଥିବା ଜଣେ ଅଧିକାରୀ କହିଛନ୍ତି। ତହସିଲଦାର ମିଞ୍ଜ କହିଛନ୍ତି, ଧାନ ଚୋରା ଚାଲାଣ ରୋକିବା ପାଇଁ ଟିମ୍ ଗଠନ କରାଯାଇଛି। ରାତିରେ ମାନେଶ୍ୱର ଛକ ନିକଟରେ ଉକ୍ତ ଟ୍ରକ୍‌କୁ ଅଟକା ଯାଇଥିଲା। ଡ୍ରାଇଭର ପାଖରେ କୌଣସି କାଗଜପତ୍ର ନ ଥିଲା। ତେଣୁ ଗାଡିକୁ ଜବତ କରାଯାଇଛି। ଡ୍ରାଇଭର ଗୁଣ୍ଡେରପୁର ନିକଟସ୍ଥ ମିଲକୁ ଯାଉଥିବା ଯାଞ୍ଚ ସମୟରେ କହିଥିଲେ। ଯୋଗାଣ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବ। ମାନେଶ୍ୱର ଏମ୍‌ଆଇ ପ୍ରଧାନ କହିଛନ୍ତି, ଧାନ ଗାଡି ଯାଉଥିବା ସମୟରେ ଜବତ ହୋଇଛି। ହେଲେ କେଉଁ ମିଲକୁ ଯାଉଥିଲା ଜଣାପଡିନାହିଁ। ଡ୍ରାଇଭରଙ୍କୁ ଅଟକ ରଖାଯାଇଛି ।



ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ମିଲରେ ଜବତ ଟ୍ରକ୍‌ରୁ ଧାନ ଅନ୍‌ଲୋଡ କରାଯାଉଛି।

## ମଧ୍ୟସ୍ଥଙ୍କଠାରୁ ୭୧.୪୧ କୁଇଣ୍ଟାଲ ଧାନ ଜବତ

**ମହୁଲପାଲି ଧାନମଣ୍ଡିରେ ଜିଲାପାଳଙ୍କ ଅଚାନକ ପରିଦର୍ଶନ**

ସୁନ୍ଦରଗଡ, ୩୦।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କ ସୁବିଧା ନିମନ୍ତେ ଜିଲାପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ହେଲେଏହା ସତ୍ତ୍ୱେ କେତେକ ସ୍ଥାନରେ ଦଲାଲମାନେ ଚାଷୀଙ୍କ ଠାରୁ ସରକାରଙ୍କ ନିର୍ଦ୍ଧାରିତ ଦରଠାରୁ କମ ମୂଲ୍ୟରେ ଧାନ କିଣି ମଣ୍ଡିରେ ବିକ୍ରୟ କରୁଥିବା ଅଭିଯୋଗ ମିଳିବା ପରେ ଜିଲାପାଳ ନିଖିଳ ପବନ କଲ୍ୟାଣ ବୁଧବାର ଟାଙ୍ଗରପାଲି ବ୍ଲକ ମହୁଲପାଲି ଧାନମଣ୍ଡିକୁ ଅଚାନକ ପରିଦର୍ଶନ କରିଥିଲେ । ପରିଦର୍ଶନ ବେଳେ ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଧାନ କିଣି ଧାନ ମଣ୍ଡିରେ ବିକ୍ରୟ କରିବାକୁ ଆସିଥିବା ଗୋଲାପ ପଟେଲଙ୍କ ଠାରୁ ୧୫୧ ବସ୍ତା (୭୨ କୁଇଣ୍ଟାଲ ୪୧ କେଜି) ଧାନ ଜବତ କରିଛନ୍ତି। ଜିଲାରେ ସକ୍ରିୟ ଥିବା ଧାନ ଦଲାଲଙ୍କ ଦ୍ୱାରା ଚାଷୀଙ୍କ ଠାରୁ ଅଣ୍ଡର ରେଟରେ ଧାନ କ୍ରୟକୁ ରୋକିବା ପାଇଁ ଜିଲାପାଳଙ୍କ ଦ୍ୱାରା ଗଠିତ ହୋଇଥିବା ସ୍ୱତନ୍ତ୍ର ସ୍କୋର୍ଡର ରିପୋର୍ଟ ଆଧାରରେ ଜିଲାପାଳ ଏହି ଅଚାନକ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ବେଳେ ଜିଲା ଯୋଗାଣ ଅଧିକାରୀ ଭିକାରୀଚରଣ ମଙ୍ଗରାଜ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଇଣ୍ଡଷ୍ଟ୍ରିଆଲ୍ ମଜଦୁର ୟୁନିୟନର ବିକ୍ଷୋଭ




କଳକାରଖାନା ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବେଦବ୍ୟାସ, ୩୦।୧୨ (ଡି.ଏନ.ଏ)

ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ (ଶିମୁ) ନେତୃତ୍ୱରେ ବୁଧବାର ବେଦବ୍ୟାସ, କଲୁଙ୍ଗା, କୁଆଁରମୁଣ୍ଡା ଆଦି ଅଞ୍ଚଳରେ ଥିବା କଳକାରଖାନା ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେଦବ୍ୟାସସ୍ଥିତ ଏସିଆଇଟିକ କାରଖାନା, ଆଖଣ୍ଡଳମଣୀ ସମିଲ୍, କେଦାରକେଡିଆ, ସୀତା ସ୍ପଞ୍ଜ, ଲିଙ୍ଗରାଜ ଫିଡ୍ସ, ଯାଇ ଇରାନ ଇତ୍ୟାଦି କାରଖାନା ସମ୍ମୁଖରେ ବିଭିନ୍ନ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନର ସମ୍ପାଦିକା ଜାହାଙ୍ଗିର ଅଲି, ଉପସଭାପତି ପଦ୍ମ ଦତ୍ତ, ସମ୍ପାଦକ ଯଯାତି କେଶରୀ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କ ବିରୋଧରେ ବକ୍ତବ୍ୟ ଦେଇଥିଲେ । ରାଷ୍ଟ୍ରାୟାତ ଉଦ୍ୟୋଗ ବିକ୍ରି, ବିଦ୍ୟୁତ ଦେୟ ୨୦୨୦ ପ୍ରତ୍ୟାହାର କରିବା, ପ୍ରତ୍ୟେକ ପରିବାରକୁ ପେନସନ ମାସିକ ୭୫୦୦, ଗରିବ ପରିବାରକୁ ବ୍ୟକ୍ତି ପିଛା ଖାଦ୍ୟ ଶସ୍ୟ ୧୦ କେଜି ପ୍ରଦାନ କରିବା ଆଦି ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ ରାୟ, ସୁଧାଂଶୁ ଜେନା, ଅନୀଲ ସିଂ, ଭବାନୀ ସାହୁ, ଅଜିତ ଏକ୍କା, ଦିବାକର ରାୟ, ବିଜୟ ମାଲିକ, ଭାରତ ଦାସ, ଚମ୍ପୋବର ସିଂ ପ୍ରମୁଖ ଶ୍ରମିକ ନେତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ଗ୍ରାହକ ସାଜି ନେଇଗଲେ ସୁନା ଅଳଙ୍କାର

**ପୋଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ**

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଅପରାଧୀ। ଦିନ ଦ୍ୱିପ୍ରହରରେ ଗ୍ରାହକ ସାଜି ଦୋକାନକୁ ଆସିଥିବା ଯୁବକ ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଛନ୍ତି। ପୋଲିସ ସୂଚନା ଅନୁସାରେ ବୁର୍ଲା ଥାନା ମୁଖ୍ୟ ବଜାରରେ ଥିବା ଉତ୍କଳ ସୁନା ଦୋକାନକୁ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଜଣେ ଯୁବକ ସୁନା ଅଳଙ୍କାର କିଣିବାକୁ ଆସିଥିଲେ। ଦୋକାନୀଙ୍କୁ ସେ ଚେନ, ମୁଦି ଦେଖାଇବାକୁ କହିଥିଲେ। ତାଙ୍କ କହିବା ମୁତାବକ ଦୋକାନୀ ମଧ୍ୟ ସୁନା ଅଳଙ୍କାର ଦେଖାଇଥିଲେ। କିଛି ସମୟ ପରେ କୌଣସି ଅଳଙ୍କାର ନ କିଣି ଯୁବକ ଜଣକ ଚାଲିଯାଇଥିଲେ। ଯିବା ସମୟରେ ସେ ସାଙ୍ଗରେ ଆଣିଥିବା ଏକ ଖାଲି ଡବା ଥୋଇଦେଇ ଅଳଙ୍କାର ଭର୍ତ୍ତି ଡବା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ପ୍ରାୟ ୫ ମିନିଟ ପରେ ଦୋକାନ ମାଲିକ ନରେନ୍ଦ୍ର ସାହୁ ଡବାରୁ ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଯୁବକଙ୍କ ପିଛା କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପ୍ରାୟ ୨୦୦ ଗ୍ରାମ ଅଳଙ୍କାର ଚୋରି ହୋଇଥିବା ନରେନ୍ଦ୍ର କହିଛନ୍ତି। ଏ ନେଇ ସେ ବୁର୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହରର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ପୋଲିସ ଟିମ୍ ଯାଞ୍ଚ କରୁଛନ୍ତି। ଦୋକାନରେ ଲାଗିଥିବା ସିସି ଟିଭିରେ ଯୁବକଙ୍କ ଫଟୋ କଏଦ ହୋଇଥିବାରୁ ପୋଲିସ ଏହାକୁ ଚିହ୍ନଟ ପାଇଁ ବିଭିନ୍ନ ଥାନାକୁ ପଠାଇଥିବା ହୀରାକୁଦ ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର କହିଛନ୍ତି।



ସିସିଟିଭିରେ କଏଦ ହୋଇଥିବା ସମ୍ପୃକ୍ତ ଯୁବକଙ୍କ ଫଟୋ।

## ଜଳିଗଲା କାର୍, ବାଇକ୍

ରାଉରକେଲା ଅଫିସ, ୩୦।୧୨

ମଙ୍ଗଳବାର ବିଳମ୍ବିତ ରାତିରେ ରାଉରକେଲାର ବାସନ୍ତୀ କଲୋନି ଫେଜ-୧ ଏଲ-୫୭ ଘରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାର, ଦୁଇଟି ବାଇକ୍, ସ୍କୁଟି, ସାଇକେଲ ଓ ଅନ୍ୟ ଆସବାବପତ୍ର ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ବାସନ୍ତୀ କଲୋନି ଏଲ-୫୭ରେ ବ୍ୟବସାୟୀ ଦେବବ୍ରତ ମହାପାତ୍ର ପରିବାର ସହ ରହନ୍ତି। ତଳ ମହଲାକୁ ଜଣଙ୍କୁ ଭଡ଼ା ଦେଇଥିଲେ। ନିଜେ ଉପର ମହଲାରେ ପରିବାର ସହ ରହୁଥିଲେ। ପରିବାରର ଅନ୍ୟ ସଦସ୍ୟ ସମ୍ପର୍କୀୟଙ୍କ ଘରକୁ ଯାଇଥିବାରୁ ଦେବବ୍ରତ ଏକାକୀ ରହୁଥିଲେ। ବିଳମ୍ବିତ ରାତିରେ କାର ଗ୍ୟାରେଜ୍‌ରୁ ଧୂଆଁ ବାହାରୁଥିବା ଦେଖି ତଳ ମହଲାରେ ଭଡ଼ାରେ ରହୁଥିବା ଲୋକେ ବାହାରି ଆସି ପାଟି କରିଥିଲେ। ସେତେବେଳକୁ ନିଆଁ ଦୁଇ ମହଲା ଘରକୁ ବ୍ୟାପି ଯାଇଥିଲା। ଧୂଆଁ ଏତେ ଥିଲା ଯେ ଉପର ମହଲାରେ ରହୁଥିବା ଦେବବ୍ରତ ବାହାରି ନ ପାରି ଫସି ରହିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦେବବ୍ରତଙ୍କୁ ଉଦ୍ଧାର କରିଥିଲେ। କାରର ଶଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ବିଧାୟକଙ୍କ ମନ୍ତବ୍ୟକୁ ବିଜେଡିର ନିନ୍ଦା

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବିଧାୟକ ନାଉରୀ ନାଏକ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରାଯାଇଛି। ବୁଧବାର ମାନେଶ୍ୱର, ରେଙ୍ଗାଲି, ଧନକଉଡା ବ୍ଲକ ବିଡିଓଙ୍କ ଜରିଆରେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଅଭିଯୋଗପତ୍ର ଦିଆଯାଇଛି। ସେମାନେ ଅଭିଯୋଗ କରିଛନ୍ତି, ଡିସେମ୍ବର ୨୮ରେ ବିଧାୟକ ନାଏକଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ବିଭିନ୍ନ ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ରାଜ୍ୟ ସରକାର ନିଜ ନାମରେ କରିଥିବା ନେଇ ଅଭିଯୋଗ କରିଥିଲେ। ଏହି ସମୟରେ ବିଧାୟକ ନାଏକ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିଲେ। ଏହାସହ ବିଧାୟକ ନିଜ ଦଳର କର୍ମକର୍ତ୍ତାଙ୍କୁ ଘର ଦେବାକୁ ବ୍ଲକ କର୍ମଚାରୀଙ୍କ ଉପରେ ଚାପ ପକାଉଛନ୍ତି। ଏପରି କି ଦୁର୍ବ୍ୟବହାର କରୁଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅନୁଦାନ ଦେଉଛନ୍ତି। ପୁଣି ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। ଭାଜପା ଅପପ୍ରଚାର କରି ଜନତାଙ୍କୁ ଠକିଚାଲିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ମିଥ୍ୟା ପ୍ରଚାର ନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଅଭିଯୋଗପତ୍ରରେ ମୋତିଲାଲ ତନ୍ତୀ, ଅକ୍ଷୟ କୁମାର ଗୁରୁ, ଜିତେନ୍ଦ୍ର ସାହୁ, ଗାନ୍ଧୀ ବେହେରା, ଶେଷଦେବ ପ୍ରଧାନ, ସତ୍ୟନାରାୟଣ ଅଗ୍ରୱାଲ, କିରଣ ବେହେରା, ଅଶୋକ ମାଝି, ମଧୁସୂଦନ ନାଏକ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।



ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଦାବିପତ୍ର ଦିଆଯାଉଛି।

## କୃଷି ଆଇନ ବିରୋଧରେ ଜିଲା କଂଗ୍ରେସର ମଶାଲ ଆକ୍ରୋଶ ଶୋଭାଯାତ୍ରା

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ମଶାଲ ଆକ୍ରୋଶ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାରଙ୍କ ନେତୃତ୍ୱରେ ଏକ ରାଲି ବାହାରି ଗୋଲବଜାର ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ସ୍ଲୋଗାନ ଦେଇ ଏହାକୁ ଫେରାଇ ନେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର, ଆସଫ ଅଲ୍ଲି ଖାନ୍, ବିଜୟ ଭୂୟାଁ, ସୁଧୀର ପଣ୍ଡା, ରେଣୁ କରିମ, ସୁରଞ୍ଜିନୀ ବାରିକ, ଦୀନବନ୍ଧୁ ପରିଡାଙ୍କ ସମେତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## କାର୍‌କୁ ଧକ୍କାଦେଲା ଟ୍ରକ୍: ୮ ଆହତ

**୨ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର**

ଦେବଗଡ଼, ୩୦।୧୨(ଡି.ଏନ.ଏ)

ବୁଧବାର ସନ୍ଧ୍ୟାରେ ଦେବଗଡ ସହରରୁ ମାତ୍ର ୫ କି.ମି. ଦୂର କୁରଡ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ଏକ କାରକୁ ଏକ ଟ୍ରକ ଧକ୍କାଦେବା ଫଳରେ କାରରେ ବସିଥିବା ୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ଅବସ୍ଥା ଗୁରୁତର ରହିଥିବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଖବର ମୁତାବକ ଦେବଗଡସ୍ଥିତ ପ୍ରଧାନପାଟ ପର୍ଯ୍ୟଟନସ୍ଥଳୀକୁ ଭୋଜି କରିବା ପାଇଁ ଝାରସୁଗୁଡାର ଭୂଷଣ କମ୍ପାନୀରେ କାର୍ଯ୍ୟରତ ୯ଜଣ କର୍ମଚାରୀ ଏକ କାର ନଂ.ଓଡି-୨୩-କେ-୯୮୯୬ ଯୋଗେ ଆସିଥିଲେ । ସେମାନେ ଭୋଜିଭାତ କରିସାରିବା ପରେ ସନ୍ଧ୍ୟା ପ୍ରାୟ ୬ ଟାରେ ଝାରସୁଗୁଡା ଅଭିମୁଖେ ଫେରୁଥିଲେ। ଦେବଗଡ ଥାନା ଅନ୍ତର୍ଗତ କୁରଡ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ବିପରିତ ଦିଗରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ନଂ.ସିଜି-୧୦-୦୮୫୩ ସେମାନଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା । ଫଳରେ କାରଟି ଚୁରମାର ହୋଇଯିବା ସହ ଚାଳକ ସମେତ କାରରେ ବସିଥିବା ଯୋଗେନ୍ଦ୍ର କୁମାର, କ୍ରିଷ୍ଣା କୁମାର, ସାନି ପାଣ୍ଡେ, ରାଜେଶ କୁମାର, ବାବୁଲାଲ ଚନ୍ଦ୍ର ବଂଶୀ, ସଂଜୟ କୁମାର ଓ ଲକ୍ଷ୍ମଣ କୁମାର ପ୍ରମୁଖ ୮ଜଣ ଯୁବକ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ଓ ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ କାର ମଧ୍ୟରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତୀ କରିଥିଲେ । ମାତ୍ର ସେମାନଙ୍କ ମଧ୍ୟରୁ ସଂଜୟ କୁମାର ଓ ସାନି ପାଣ୍ଡେଙ୍କ ଅବସ୍ଥା ଶଙ୍କାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିବା ସୂଚନା ମିଳିଛି । ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁକରି ଦୁର୍ଘଟଣା ଗ୍ରସ୍ତ ଟ୍ରକ ଓ କାରକୁ ଜବତ କରିଥିବା ଜଣାପଡିଛି।

## ଏମ୍‌ସିଏଲ୍‌ର ଦେଶୀ ବିଜ ଘର ଯୋଜନା

ସମ୍ବଲପୁର, ୩୦।୧୨ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଚାଷ ଓ ଚାଷୀଙ୍କ ବିକାଶକୁ ଦୃଷ୍ଟିରେ ରଖି ଦେଶୀ ବିଜ ଘର ଯୋଜନା ହାତକୁ ନେଇଛି । ଏହି ଯୋଜନାରେ ଚାଷୀଙ୍କୁ ସାମିଲ କରାଯିବ। ସେମାନଙ୍କୁ ଦେଶୀ ବିହନରେ ମଞ୍ଜି ସଂରକ୍ଷଣ ଓ ଚାଷ ଲାଗି ପ୍ରୋତ୍ସାହିତ କରିବା ଯୋଜନା ରହିଛି। ଏମ୍‌ସିଏଲ୍ ଓ ଗ୍ରାମ ସମୃଦ୍ଧ ଟ୍ରଷ୍ଟ ମଧ୍ୟରେ ଏ ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିରେ ୨ଶହ ଚାଷୀଙ୍କୁ ତାଲିମ ଦିଆଯିବ ବୋଲି ଏମ୍‌ସିଏଲ୍ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୮ତାରିଖରେ ଏମ୍‌ସିଏଲ୍ କାର୍ମୀକ ନିର୍ଦ୍ଦେଶକ କେଶବ ରାଓଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।



ଏମ୍‌ସିଏଲ୍ କାର୍ମୀକ ନିର୍ଦ୍ଦେଶକଙ୍କ ଉପସ୍ଥିତରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ**

■ ସୁରକ୍ଷା ଅଧିକାରୀଙ୍କୁ ମାଡ଼, ଗାଡ଼ି ଭଙ୍ଗାରୁଜା

ଲଖନପୁର,୩୦।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବେଲପାହାଡ ସହର ଗୁମାଡେରା ମୁଖ୍ୟ ରାସ୍ତାରେ ବୁଧବାର ସକାଳେ ଏକ ମାଲ୍‌ବୋଝେଇ ଟ୍ରକ୍ ସ୍କୁଟିକୁ ଧକ୍କାଦେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଟିଆର୍‌ଏଲ୍ କଲୋନୀର ଶ୍ରୀୟା ଆଇଚ(୨୩)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ସହ ଅନ୍ୟାନ୍ୟ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ମାଜିଷ୍ଟ୍ରେଟ୍ ଲଖନପୁର ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ରାୟ, ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ବେଲପାହାଡ ଥାନା ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଉତ୍ତେଜନା ବୃଦ୍ଧି ପାଇବା ଦେଖି ଟିଆର୍‌ଏଲ୍ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ଉତ୍ତେଜିତ ଲୋକେ ଅଧିକାରୀଙ୍କୁ ମାରପିଟ୍ କରିବା ସହ ତାଙ୍କ ଗାଡି ଭାଙ୍ଗିରୁଜି ଦେଇଥିଲେ। ଦାବି ସମ୍ପର୍କରେ ସପ୍ତାହେ ମଧ୍ୟରେ ଜିଲାପ୍ରଶାସନ ଉପସ୍ଥିତିରେ ଟିଆର୍‌ଏଲ୍ କମ୍ପାନୀ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଓଆର୍‌୦୫ଏକେ୪୯୩୦ନଂ ଟ୍ରକ୍ ଓ ଦୁର୍ଘଟଣାଗ୍ରସ୍ତ ଓଡି ୨୩ଡି ୪୬୦୧ନଂ ସ୍କୁଟିକୁ ପୋଲିସ ଜବତ କରିଛି। ଟ୍ରକ୍ ଚାଳକ ଫେରାର୍ ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯୁବତୀ ଜଣଙ୍କ ନିଜ ସ୍କୁଟିରେ ଗୁମାଡେରାରୁ ବେଲପାହାଡ ଯାଉଥିବାବେଳେ ପଛରୁ ଟିଆର୍‌ଏଲ୍ କମ୍ପାନୀ ମାଲ୍‌ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ପଛଚକ ତଳେ ଯୁବତୀ ପଡିଯାଇଥିଲେ। ତାଙ୍କ ଉପରେ ଗାଡି ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।



କ୍ଷତିପୂରଣ ଦାବିରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଛନ୍ତି।

### ୯ ଚୋରା ବାଇକ୍ ଉଦ୍ଧାର, ୨ ଗିରଫ

ତରବୋଡ଼,(ଡି.ଏନ.ଏ.):ନୂଆପଡା ଜିଲା ପୋଲିସ ୯ ଚୋରା ବାଇକ୍ ଉଦ୍ଧାର କରିଥିବା ବେଳେ ବାଇକ୍ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ହେଲେ ଭାନପୁର ଗାଁର ପିଣ୍ଟୁ ରାଉତ ଓ ନୂଆପଡାର ପ୍ରଦୀପ ପୂଝାରୀ। ଗତ ୨ ମାସ ମଧ୍ୟରେ ନୂଆପଡା ଓ ଜୋଙ୍କ ପୋଲିସ ଷ୍ଟେଶନ ଅଞ୍ଚଳରୁ ବାରମ୍ବାର ବାଇକ୍ ଚୋରି ହେଉଥିବା ଅଭିଯୋଗ ହୋଇଥିଲା। ଏସ୍‌ପିଙ୍କ ଦ୍ୱାରା ୨ଟି ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଭାନପୁର ଗାଁର ପିଣ୍ଟୁ ଓ ନୂଆପଡାର ପ୍ରଦୀପଙ୍କୁ ଗିରଫ କରି ପଚରାଉଚରା ପରେ ବିଭିନ୍ନ ସ୍ଥାନରୁ ୯ଟି ଚୋରା ବାଇକ ଉଦ୍ଧାର କରାଯାଇଛି।

## ସଂକ୍ଷେପରେ

### କଲଭର୍ଟରେ ଫସି ରହିଲା ଧାନ ବୋଝେଇ ପିକ୍‌ଅପ୍ ଭ୍ୟାନ

**ଗୁଡଭେଲା,୩୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ମିଳନ ଛକରେ ଥିବା ଭଙ୍ଗା କଲଭର୍ଟରେ ବୁଧବାର ସକାଳେ ଏକ ଧାନ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ. ଓଡି ୩୦-୮୦୧୨) ପଶି ଯାଇଥିଲା। ଜଣେ ଚାଷୀଙ୍କ ଘରୁ ଅଣାଯାଇଥିବା ଏହି ଧାନ ସମରାସ୍ଥିତ ସତ୍ୟଭାମା ସଂଘ୍ ସହାୟକ ଗୋଷ୍ଠୀ ପକ୍ଷରୁ ଏକ ମିଲକୁ ନିଆଯାଉଥିବା ଡ୍ରାଇଭର ସଞ୍ଜୟ ପ୍ରଧାନ କହିଥିଲେ । ସମ୍ପୃକ୍ତ ଏସ୍‌ଏଚ୍‌ଜି ସଭାନେତ୍ରୀ ଗୀତାଞ୍ଜଳି ପୁରୋହିତ କହିଛନ୍ତି ଯେ, ଚାଷୀଙ୍କଠାରୁ ଆମେ ଧାନକ୍ରୟ କରି ମିଲ୍‌କୁ ପଠାଉଛୁ ବୋଲି କହିଥିଲେ। ତେବେ ଦୁର୍ଘଟଣାଗ୍ରସ୍ତ ଗାଡି ବିଷୟରେ ସେ କିଛି କହିବାକୁ ମନା କରିଦେଇଥିଲେ ।

### ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ୫୦ଲକ୍ଷ ସହାୟତା

**ବରଗଡ଼ ଅଫିସ,୩୦।୧୨:** ବରଗଡ଼ ଜିଲା ବିଜେପୁର ବ୍ଲକରେ କାର୍ଯ୍ୟରତ ଥିବାବେଳେ କରୋନାରେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିମ୍ବାଧର ଭୋଇଙ୍କ ମୃତ୍ୟୁ ହୋଇଥିଲା । ସୋମବାର ମୃତ ପିଇଓଙ୍କ ସ୍ତ୍ରୀ ବେଲମତୀଙ୍କୁ ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି । ସହାୟତା ରାଶି ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ଭାରତୀୟ ମଜଦୁର ସଂଘର ବୈଠକ

**ଖଡିଆଲ, ୩୦।୧୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲ ଅଗ୍ରସେନ ଭବନରେ ଭାରତୀୟ ମଜଦୁର ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସମ୍ପାଦକ ପ୍ରଦୀପ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅଖିଳ ଭାରତୀୟ ନିର୍ମାଣ ମଜଦୁର ମହାସଂଘ ଉପଦେଷ୍ଟା ଓ ଭାରତୀୟ ମଜଦୁର ସଂଘ ଜିଲା ପ୍ରଭାରୀ ବିରଞ୍ଚିନାରାୟଣ ପଣ୍ଡା ମୁଖ୍ୟଅତିଥି ଓ ଶ୍ୟାମ ସୁନ୍ଦର ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ପୁରାତନ କମିଟିକୁ ଭଙ୍ଗ କରି ନୂତନ କମିଟି ଗଠନ କରାଯାଇଥିଲା । କାର୍ଯ୍ୟକାରିଣୀ ସଭାପତି ଶୁକ୍ଳାମ୍ବର ନିଆଲ, ପ୍ରଦୀପ ଦଣ୍ଡସେନା ଉପସଭାପତି, ସମ୍ପାଦକ ଏସ ସାହୁ, ଉପସଭାପତି ଭବାନୀଶଙ୍କର ମଲ୍ଲିକ, କୋଷାଧ୍ୟକ୍ଷ ମାନଭଞ୍ଜନ ବଘେଲ, ଆଇନ ଉପଦେଷ୍ଟା ବାଳକୃଷ୍ଣ ପଟ୍ଟନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା ।

### ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ତରବୋଡ଼, ୩୦।୧୨ (ଡି.ଏନ.ଏ.):** ନୂଆପଡା ଜିଲା ସଦର ବ୍ଲକ ପରକୋଡଠାରେ ମଙ୍ଗଳବାର କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଦ୍ୱାରା ୫ଟି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଛି। ୧୦ଲକ୍ଷ ଟଙ୍କା ବ୍ୟୟ ଅକଳରେ ଏହା ନିର୍ମିତ ହୋଇଛି। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶଶ୍ୱରୀ ସାହୁ, ସରପଞ୍ଚ ମହେଶର ମାଝି, ସମିତି ସଭ୍ୟ ହିରାଲାଲ ମାଝି, ନାଏବ ସରପଞ୍ଚ ଲିଙ୍ଗରାଜ ମାଝି, ନରୋତ୍ତମ ଦନଣ୍ଡ ସେନା, ଟିକେଲାଲ ମାଝି, ଫୁଲସିଂ ଦେବାଙ୍ଗନ ପ୍ରମୁଖ ଯୋଗଦାନ କରିଥିଲେ।

### ଧଣ୍ଡାମୁଣ୍ଡା, ଲୁହାସିଂହାରେ ରୋଜଗାର ଦିବସ ପାଳିତ

**ଖପ୍ରାଖୋଲ, ୩୦।୧୨(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଓ ଲୁହାସିଂହା ପଞ୍ଚାୟତରେ ବୁଧବାର ରୋଜଗାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨ଶହ ଦିନ କାମ କରିଥିବା ଶ୍ରମିକମାନଙ୍କୁ ପ୍ରମାଣ ପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଲୁହାସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରଞ୍ଜିତା ସୁନାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ଏପିଓ ସୁଧାଂଶୁ ଶେଖର ମେହେର, ଟି.ସି ରେଭେନସା ମେହେର, ଏନଆରଏମ୍ ଏକ୍ସପୋର୍ଟ ସୁରେଶ ବେହେରା ଯୋଗଦେଇ ୩୪ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଆରଏସ୍ ମୃତ୍ୟୁଞ୍ଜୟ ନନ୍ଦ ପରିଚାଳନା କରିଥିଲେ। ସେହିପରି ଧଣ୍ଡାମୁଣ୍ଡା ପଞ୍ଚାୟତରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା ମୁଖ୍ୟ ଅତିଥିଭାବେ ଯୋଗଦେଇ ୯ଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏପିଓ ସୁଧାଂଶୁ ଶେଖର ମେହେର, ଜିଆରଏସ୍ ନୀଳମଣି ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋଲିନି ଋତୁକାଳୀନ ଆବାସିକ ଛାତ୍ରାବାସ

■ ବହୁ ପିଲା ପରିବାର ସହ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଗଲେଣି

■ ମାସେ ପରେ ବି ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନି

■ ୧୦ ପ୍ରସ୍ତାବ ଅନୁମୋଦନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଛୁ: ବିଇଓ

**ଲାଠୋର, ୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଋତୁକାଳୀନ ଆବାସିକ ଛାତ୍ରାବାସ ଖୋଲିନାହିଁ। ଏଥିଯୋଗୁଁ ଏହି ବ୍ଲକର ଅନେକ ଦାଦନ ଶ୍ରମିକ ପରିବାରର ପିଲା ପାଠପଢା ଛାଡି ମାବାପାଙ୍କ ସହ ବାହାର ରାଜ୍ୟକୁ ଚାଲି ଯାଇଛନ୍ତି। କୋଭିଡ କଟକଣା ପାଇଁ ଗତ ୧୦ମାସ ହେଲା ସ୍କୁଲ ଶିକ୍ଷାରୁ ବଞ୍ଚିତ ରହିଥିବା ଛାତ୍ରୀଛାତ୍ର ବର୍ତ୍ତମାନ ଛାତ୍ରାବାସର ସୁବିଧା ପାଇ ନ ପାରି ଶିକ୍ଷାଲାଭରୁ ବଞ୍ଚିତ ରହିଛନ୍ତି।

ଦାଦନ ପ୍ରବଣ ଖପ୍ରାଖୋଲ ବ୍ଲକର ବହୁ ଲୋକେ ଭିଟାମାଟି ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ସେମାନଙ୍କର ୬ରୁ ୧୪ବର୍ଷର ପିଲାମାନଙ୍କ ପାଠପଢା ପାଇଁ ସରକାର ପ୍ରତିବର୍ଷ ନଭେମ୍ବରରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ୬ ମାସ ପାଇଁ ଋତୁକାଳୀନ ଆବାସିକ ଛାତ୍ରାବାସ ଖୋଲିଥାନ୍ତି। ପ୍ରତି ପିଲାଙ୍କ ପିଛା ୧୦ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରି ସେମାନଙ୍କ ରହିବା ଖାଇବା ଇତ୍ୟାଦି ବ୍ୟବସ୍ଥା କରାଯାଇଥାଏ। ଗତବର୍ଷ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୬ଟି ଛାତ୍ରାବାସ ଖୋଲି ୭୫୪ ଛାତ୍ରୀଛାତ୍ରଙ୍କୁ ରହିବା ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ମଧ ଛାତ୍ରାବାସ ଖୋଲିବା ପାଇଁ ବଲାଙ୍ଗୀର ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୦୨୯/ତା ୨୬।୧୧।୨୦ରିଖରେ ପଦକ୍ଷେପ ଗ୍ରହଣ କରିବାକୁ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ କୁହାଯାଇଥଲା। ହେଲେ ସେ ଅଦ୍ୟାବଧି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ ହେଉଛି। ଫଳରେ ଦାଦନ ପରିବାରମାନେ କୌଣସି ଉପାୟ ନ ପାଇ ପଢୁଥିବା ପିଲାଙ୍କୁ ସାଙ୍ଗରେ ନେଇ ବାହାର ରାଜ୍ୟକୁ ଚାଲିଯାଇଛନ୍ତି।

ବ୍ଲକ ଅନ୍ତର୍ଗତ ଟଙ୍କପାଣି ଏବଂ ଫୁଲକିମୁଣ୍ଡା ସାଧନ କେନ୍ଦ୍ର ଅଧୀନରେ ଥିବା ୨୧ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୫୮୮ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୫୧ଜଣ ବାହାର ରାଜ୍ୟକୁ ପରିବାର ସହ ଚାଲିଯାଇଥିବା କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ବାଗ ଏବଂ ଶଙ୍ଖଧର ମାଝୀଙ୍କ ସୂତ୍ରରୁ ଜଣାପଡିଛି। ଏଥିରୁ ବ୍ଲକ ଅଞ୍ଚଳରେ ୧୪ଟି ସାଧନ କେନ୍ଦ୍ର ଅଧୀନରେ ଥଇବା ୧୩୭ଟି ବିଦ୍ୟାଳୟରୁ କେତେ ପିଲା ବାହାର ରାଜ୍ୟକୁ ପାଠପଢା ଛାଡି ଭିଟାମାଟି ଛାଡିଥିବେ ତାହା ସହଜରେ ଅନୁମେୟ। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଷଷ୍ଠୀ ଝାଙ୍କରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମେ ପ୍ରଧାନଶିକ୍ଷକମାନଙ୍କୁ ପ୍ରସ୍ତାବ ମାଗିଥିଲୁ। ଏ ପର୍ଯ୍ୟନ୍ତ ଆସିଥିବା ୧୦ଟି ପ୍ରସ୍ତାବକୁ ଅନୁମୋଦନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଛୁ। ତେବେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ବିଭିନ୍ନ ମଣ୍ଡି ପରିଦର୍ଶନ, ଚାଷୀଙ୍କ ସହ ଆଲୋଚନ କଲେ ଏମ୍‌ପି



ମଣ୍ଡି ପରିଦର୍ଶନ ବେଳେ ଏମ୍‌ପି ବସନ୍ତ ପଣ୍ଡା ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ।

**ତରବୋଡ଼, ୩୦।୧୨ (ଡି.ଏନ.ଏ.)**

ନୂଆପଡା ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭରୁ ସମସ୍ୟା ଲାଗି ରହିଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ମିଲର୍ସମାନେ ଯୋଗାଣ, ପ୍ୟାକ୍ସ ଅଧିକାରୀଙ୍କୁ ହାତବାରିଶି କରି କୁଇଣ୍ଟାଲ ପିଛା ୩ କିଲୋଗ୍ରାମ ପର୍ଯ୍ୟନ୍ତ କଟନି କରୁଥିବା, ଠିକ ସମୟରେ ଟୋକନ ନ ମିଳୁଥିବା ଅଭିଯୋଗ ହେଉଛି। ଜିଲାରେ ୩୨ଟି ଧାନ ସଂଗ୍ରହ କେନ୍ଦ୍ରରେ ୪୫୯ଜଣ ଚାଷୀଙ୍କ ୫୭,୯୫୨ ବସ୍ତା ଧାନ ମଣ୍ଡିରେ ପଡି ରହିଛି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଏମ୍‌ପି ପଣ୍ଡା କୋମନା ବ୍ଲକ କୁରୁମପୁରି, ଲଖନା, ଗଣ୍ଡାମେର, ଡୁଙ୍ଗରିପାଲି, ଭେଲା ଆଦି ମଣ୍ଡି ପରିଦର୍ଶନ କରିଥିଲେ। ସେଠାରେ ଚାଷୀମାନଙ୍କ ଧାନ ସଂଗ୍ରହ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲା ପ୍ରଶାସନ ଓ ରଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଭାଜପା ଅନ୍ଦୋଳନକୁ ଓହ୍ଲାଇବ ବୋଲି ଏମ୍‌ପି ପଣ୍ଡା ଚେତାବନୀ ଦେଇଛନ୍ତ। ପରିଦର୍ଶନ ବେଳେ ଭାଜପା ବରିଷ୍ଠ ନେତା ମୁରଲିଧର ଭୋଇ, ମନିଜର ଆର୍ଯ୍ୟ, ଜିଲା ଯୁବ ମୋର୍ଚ୍ଚା ସଭାପତି ଦିଲୀପ ନିର୍ମଳକର, ସାଧାରଣ ସମ୍ପାଦକ ତୁଳସ ପଟେଲ, ଡମ୍ବୁରଧର ମହାନନ୍ଦ, ଆୟୁଷ ଜେନ, ପଣ୍ଡୁ ରଣା, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଈଙ୍କ ଭରସାରେ ୫ ମା'ବାପା ଛେଉଣ୍ଡ ନାତିନାତୁଣୀ

**କଣ୍ଟାବାଞ୍ଜି, ୩୦।୧୨(ଡି.ଏନ.ଏ.)**



ବୃଦ୍ଧା ଆଈ ଜୟମନୀଙ୍କ ପାଖରେ ମାବାପା ଛେଉଣ୍ଡ ୫ ଭଉଣୀଭାଇ।

■ ବାପାଙ୍କ ପରେ ମାଆ ଆଖି ବୁଜିଲେ

■ ୧୮ ମାସରେ ସରିଗଲା ପରିବାରର ସୁଖ

■ ମିଳିନାହିଁ ସରକାରୀ ସହାୟତା

ଅଠର ମାସ ଅନ୍ତରରେ ଆରପାରିକୁ ଚାଲିଗଲେ ମାବାପା। ଏବେ ପାଞ୍ଚ ମା ବାପ ଛେଉଣ୍ଡ ଭଉଣୀଭାଇ ବୃଦ୍ଧା ଆଈଙ୍କ ଲାଳନ ପାଳନରେ ରହିଛନ୍ତି। ଏହିଭଳି ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡୋଲମାନ୍ଦଲ ଗାଁରେ। ଗାଁର ଡମ୍ବରୁଧର ମାଝି(୪୦) ସେହି ଗାଁର ସାବିତ୍ରୀ(୩୫)ଙ୍କୁ ବିବାହ କରିଥିଲେ। ତାଙ୍କର ଚାରିଝିଅ ଡୋଲିନା( ୧୪), ବୈଶାଖି(୯), ଝରଣା(୭) ଧରିତ୍ରୀ(୪) ଏବଂ ଅଢେଇ ବର୍ଷର ପୁଅ ରୋହନ। ବେଶ୍ ହସଖୁସିରେ ଚାଲିଥିଲା ସେମାନଙ୍କ ପରିବାର। ହେଲେ ୨୦୧୯ ମେ ୨୦ତାରିଖରେ ଡମ୍ବରୁଙ୍କର ଅଜଣା ରୋଗରେ ମୃତ୍ୟୁ ହୋଇଗଲା। ସ୍ୱାମୀଙ୍କ ମୃତ୍ୟୁରେ ଭାଙ୍ଗି ପଡିଲେ ସାବିତ୍ରୀ। କିପରି ଘର ଚଳାଇବେ ଓ ପିଲାଙ୍କୁ ମଣିଷ କରିବେ ସେହି ଚିନ୍ତାରେ ଥିବାବେଳେ ଗତ ନଭେମ୍ବର ୧୬ତାରିଖରେ ଜ୍ୱରରେ ଆକ୍ରାନ୍ତ ହୋଇ ତାଙ୍କର ବି ମୃତ୍ୟୁ ହୋଇଗଲା। ଡମ୍ବରୁ ଓ ସାବିତ୍ରୀଙ୍କ ମୃତ୍ୟୁ ପରେ ପାଞ୍ଚ ଭଉଣୀଭାଇ ବାପମା ଛେଉଣ୍ଡ ହୋଇଗଲେ। ପରିବାରରେ ଆଉ କେହି ନ ଥିବାରୁ ବୃଦ୍ଧା ଆଈ ଜୟମନି ଭୋଇ(୮୦) ପିଲାଙ୍କ ଭଲମନ୍ଦ ବୁଝୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ବାବଦ ୫ଶହ ଟଙ୍କାରେ ସଂଘର୍ଷମୟ ଜୀବନ ଜୀଉଁଥିବା ଜୟମନୀଙ୍କ ଉପରେ ଏବେ ପଡିଛି ପାଞ୍ଚ ନାତିନାତୁଣୀଙ୍କ ବୋଝ।

ଡମ୍ବରୁ ଡୋଲମାନ୍ଦଲ ବ୍ରାଞ୍ଚ ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟର ଭାବେ ଚାକିରି କରୁଥିଲେ । ବଡ ଝିଅ ଡୋଲିନା ନବମ, ବୈଶାଖୀ ୪ର୍ଥ, ଝରଣା ୨ୟ, ଧରିତ୍ରୀ ଗାଁ ଆଙ୍ଗନବାଡି କେନ୍ଦ୍ରରେ ପଢୁଥିଲେ। ସାନପୁଅ ରୋହନ ଦୁନିଆ ଜାଣିବା ପୂର୍ବରୁ ମାବାପଙ୍କୁ ହରାଇଲା। ଏସବୁ ମଧ୍ୟରେ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ଏ ଯାଏ କୌଣସି ସହାୟତା ପ୍ରଦାନ କରିନାହିଁ। ମାମୁଁ ଗଣେଶ ଭୋଇ ୫ ଭଣଜାଭାଣିଜୀଙ୍କୁ ଧରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଗୁହାରି କରିବାକୁ ଯାଇଥିଲେ ମଧ କୌଣସି ସହାୟତା ମିଳିନାହିଁ। ଡମ୍ବରୁଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ସହାୟତା ନେଇ ଲାଠୋରସ୍ଥିତ ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ଉପେନ୍ଦ୍ର ଛତ୍ରିଆଙ୍କୁ ଯୋଗାଯୋଗ କରାଯାଇଥିଲା। ଲିଗାଲ ହେୟାର ସାର୍ଟିଫିକେଟ ଦେଲା ପରେ ଡମ୍ବରୁଙ୍କ ବକେୟା ଥିବା ଟଙ୍କା ସହ ପରିବାରର ଜଣକୁ ରିହାବିଲିଟେସନରେ ଚାକିରି ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ୨ ପୃଥକ୍ ଦୁର୍ଘଟଣା: ୩ ମୃତ, ୯ ଆହତ

**କୋକସରା, ୩୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ବିଜୁ ଏକ୍ସପ୍ରେସ୍ ୱେରେ ମଙ୍ଗଳବାର ସନ୍ଧ୍ୟାରେ ୨ଟି ପୃଥକ୍ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ନେଗୀଗୁଡା ଗ୍ରାମର ନୀଳକଣ୍ଠ ଗୋପାଳ (୩୫), ହେମନ୍ତ ଗୋପାଳ (୪୦) ଓ ପାଟଣାଗଡ଼ ବ୍ଲକ ମରୁଆ ପଞ୍ଚାୟତ ଅଧୀନ ଗଞ୍ଜାଗଡ଼ା ଗାଁର ଯାଙ୍କ ବିଶି (୬୦)। ଆହତଙ୍କୁ କୋକସରା ଓ ଆମପାଣି ଡାକ୍ତରଖାନାରେ ଭର୍ତ୍ତି କାରାଯାଇଛି। ବିଜୁ ଏକ୍ସପ୍ରେସ୍ ୱେ ଭୁର୍ଷାଗୁଡା ସ୍କୁଲ ନିକଟରେ ଅଜଣା ଗାଡି ଧକ୍କାରେ ନୀଳକଣ୍ଠ ଓ ହେମନ୍ତଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡି ଫେରାର ହୋଇଥିବା ବେଳେ ପରେ ପୋଲିସ ଜବତ କରିଛି। ଆମପାଣି ପୋଲିସ ଘଟଣାର ତଦନ୍ତ ଚଳାଇଛି। କୋକସରା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଅନ୍ୟ ଏକ ଘଟଣକ୍ରମେ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୩କ୍ୟୁ-୪୩୦୯)ରେ ଶ୍ରମିକଙ୍କୁ ନେଇ ହାଇଦ୍ରାବାଦ ଯାଉଥିବା ବେଳେ ଆମପାଣି ଥାନା ବିଜୁ ଏକ୍ସପ୍ରେସ୍ ରଏନଗୁଡା ନିକଟରେ ନବରଙ୍ଗପୁର ପଟୁ ଧର୍ମଗଡ ଅଭିମୁଖେ ଯାଉଥିବା ବୋଲେରୋ (ନଂ.ଓଆର୦୫ଏବି-୫୫୫୬) ସହ ଧକ୍କା ହୋଇଥିଲା। ପିକ୍‌ଅପ୍ ଗାଡି ଓଲଟି ପଡ଼ିବାରୁ ୯ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଆମପାଣି ପୋଲିସ ସହାୟତାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଗୁରୁତର ଯାଙ୍କଙ୍କ କୋକସରା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେମାନଙ୍କୁ ବଲାଙ୍ଗୀର ଜିଲା ଲାଠୋର ବ୍ଲକ ଖର୍ଲି ଗ୍ରାମର ନୀଳ ମେହେର ହାଇଦ୍ରାବାଦକୁ ଚାଲାଣ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତ ଶ୍ରମିକମାନେ କୋମନା ବ୍ଲକ, ପାଟଣାଗଡ଼ ଏବଂ ତୁରେକେଲା ବ୍ଲକ ଅଞ୍ଚଳର ବୋଲି ଜଣାପଡିଛି।

## କଳା କୃଷି ଆଇନ, ସଂସଦ ଶୀତ ଅଧିବେଶନ ରଦ୍ଦ ପ୍ରତିବାଦ





ଜୁନାଗଡରେ ଆୟୋଜିତ ଯୁବ କଂଗ୍ରେସର ମଶାଲ ଶୋଭାଯାତ୍ରା।

**ଜୁନାଗଡ, ୩୦।୧୨ (ଡି.ଏନ.ଏ.)**

ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ, କୃଷି ବିଲକୁ ପ୍ରତ୍ୟାହାର ଓ ସଂସଦ ଶୀତ ଅଧିବେଶନ ରଦ୍ଦ କରିବା ପ୍ରତିବାଦରେ ବୁଧବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଯୁବ କଂଗ୍ରେସ ପକ୍ଷରୁ ଜୁନାଗଡ ସହରରେ ମଶାଲ ଆକ୍ରୋଶ ଶୋଭଯାତ୍ରା କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଜୁନାଗଡ ସହରର ପିଆଇ କଲେଜ ଛକଠାରୁ ନୂଆବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମହମ୍ମଦ ସାହେବ, ଯୁବନେତା ପ୍ରଭାତ ଦାଶ, ଚିତ୍ତରଞ୍ଜନ ନିଆଲ, ସାଗର ପଟ୍ଟନାୟକ, ସତ୍ୟ ରଞ୍ଜନ ସରାଫ, ପୂର୍ବତନ ଯୁବ ସଭାପତି ଅବଦୁଲ ସାଜିଦ୍, କେସିଙ୍ଗା ଯୁବ ସଭାପତି ସୁରେଶ ରାଓ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁନିଲ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ଗଣେଶ କ୍ରିକେଟ ଟୁର୍ନାମେଣ୍ଟ : ସରଗଡ଼ା ଚାମ୍ପିୟନ

**ଗୁଡଭେଲା, ୩୦।୧୨(ଡି.ଏନ.ଏ.)**





ଅତିଥି ଗ୍ରହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଡୁଙ୍ଗିବାହାଲ ଗ୍ରାମ ଖେଳପଡିଆରେ ଚାଲିଥିବା ଗଣେଶ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ସରଗଡା ଓ ଥାଳବନ୍ଧ ମଧ୍ୟରେ ହୋଇଥିଲା । ୧୦ ଓଭର ବିଶିଷ୍ଟ ଖେଳରେ ଟସ୍ ଜିଣି ସରଗଡା ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୫ରନ ସଂଗ୍ରହ କରିଥିଲା। ଜବାବରେ ଥାଳବନ୍ଧ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୫୬ରନ କରି ପରାସ୍ତ ହୋଇଥିଲା। ସୁରେନ୍ଦ୍ର ସୁନା ଓ ରାଜେଶ ସୁନା ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଗୁଡଭେଲା ସମିତି ସଭ୍ୟ ଚିତ୍ରସେନ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଞ୍ଚ ନିଧି କୁମ୍ଭାର ଯୋଗଦେଇ ଚାମ୍ପିୟନ ସରଗଡା ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଥାଳବନ୍ଧି ଦଳକୁ ୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ସୁଶାନ୍ତ ଓ ମ୍ୟାନ ଅଫ ଦି ସିରିଜ ସୁପାଲଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

## ପରୀକୁ ନ୍ୟାୟ ଦାବିରେ ଭାଜପାର ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୩୦।୧୨**

ବହୁଚର୍ଚ୍ଚିତ ନୟାଗଡ ଯଦୁପୁର ପରୀ ହତ୍ୟା ମାମଲାରେ ନ୍ୟାୟ ଦାବି କରି ବଲାଙ୍ଗୀର ଜିଲା ଭାଜପା ପକ୍ଷରୁ ବୁଧବାର ସହରରେ ଏକ ଶୋଭାଯାତ୍ରା କରାଯାଇଥିଲା । ଗାନ୍ଧୀନଗରପଡାର ଗାନ୍ଧୀ ପ୍ରତିମୂର୍ତ୍ତିରୁ ବହୁ ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଜେଡି ସରକାର ବରୋଧରେ ନାରାବାଜି କରିଥିଲେ । ଏହି ହତ୍ୟା ମାମଲାକୁ ନେଇ ରାଜ୍ୟ ସରକାର ତୁରନ୍ତ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରନ୍ତୁ ବୋଲି ଦାବି କରାଯାଇଥିଲା। ଏହାପରେ ମନ୍ତ୍ରୀ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଭାଜପା ନେତା ଅନନ୍ତ କୁମାର ଦାଶ କହିଥିଲେ ଯେ, ପରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ମୁଖା ଖୋଲିସାରିଛି । ରାଜ୍ୟର ୩ ହଜାର ଅପହୃତ ଶିଶୁଙ୍କୁ ନ୍ୟାୟ ଦେବାକୁ ଭାଜପା ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବ ବୋଲି ସେ କହିଥିଲେ। ନେତ୍ରୀ ଆରତୀ ଗୁରୁ ପରୀ ମାମଲାର ସିବିଆଇ ତଦନ୍ତ କରାଯିବାକୁ ଦାବି କରିଥିଲେ। ଫିରୋଜା ବିବି, ବାସନ୍ତୀ ଜେନା, ସୌଦାମିନୀ ମିଶ୍ର, ଦିନେଶ ଶର୍ମା, ଚିତ୍ତ ମିଶ୍ର, ପୀତାମ୍ବର ଖମାରୀ, ନରସିଂହ ଭୋଳ, ସୁନୀଲ କୁମାର ମିଶ୍ର ଏଥିରେ ସାମିଲ ହୋଇଥିଲେ ।

## ଆନ୍ଦୋଳନରତ କୃଷକଙ୍କ ସମର୍ଥନରେ ମଶାଲ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୩୦।୧୨**

କେନ୍ଦ୍ର ସରକାରଙ୍କ ତିନି କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ଓ ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନରତ କୃଷକଙ୍କୁ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ସମର୍ଥନ ଜଣାଇଯାଇଛି । କଚେରୀ ଛକରେ ଦଳ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। କୃଷି ଆଇନ କୃଷକଙ୍କ ଅପେକ୍ଷା ପୁଞ୍ଜିପତି ଅଧିକ ଲାଭବାନ ହେବେ ବୋଲି କହିଥିଲେ । ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଲୁ ଦାନୀ, ପ୍ରେମପ୍ରକାଶ ମିଶ୍ର, ସଞ୍ଜୟ ମିଶ୍ର, ଅମିତ ନାୟକ, ଅଙ୍କିତ ସାହୁ ଓ ଅନ୍ୟମାନେ ମଶାଲ ଧରି ଚାଷୀଙ୍କୁ ସମର୍ଥନ କରିଥିଲେ ।





ଜିଲା କଂଗ୍ରେସ କମିଟି ପକ୍ଷରୁ ଆନ୍ଦୋଳନରତ ଚାଷୀଙ୍କ ସମର୍ଥନରେ ମଶାଲ ଶୋଭାଯାତ୍ରା କରାଯାଉଛି।

# ଡ୍ରେନ୍ ନିର୍ମାଣରେ ବ୍ୟାପକ ଅନିୟମିତତା

**କର୍ଲାମୁଣ୍ଡା, ୩୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସର୍ଗୁଲମାଲପଡା ପଞ୍ଚାୟତରେ ଡ୍ରେନ୍ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। କାମ କରି ନ ଥିବା ଲୋକଙ୍କୁ ମଷ୍ଟରରୋଲରେ ଶ୍ରମିକ ଦର୍ଶାଯାଇଛି। ପୁଣି ନୂଆ ଡ୍ରେନ୍ ନିର୍ମାଣ କରିବା ବଦଳରେ ପୁରୁଣା ଡ୍ରେନ୍ ମରାମତି କରାଯାଇଥିବା ଭଳି ଗୁରୁତର ଅଭିଯୋଗ ଆସିଛି।

ସୂଚନା ଫଳକ ତଥ୍ୟ ଅନୁସାରେ ସରଗୁଲ ବସ୍ତି ଶ୍ରୀରାମମନ୍ଦିରଠାରୁ ବରଗଛ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ଲେଖାଯାଇଥିବା ବେଳେ ଏଠାରେ ପୂର୍ବରୁ ଡ୍ରେନ୍ ଥିଲା, ତାକୁ ମରାମତି କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ଡ୍ରେନ୍ କାମରେ ମଷ୍ଟରରୋଲରେ ବି ଜାଲିଆତି ରହିଛି।







ନିର୍ମାଣ ହୋଇଥିବା ଡ୍ରେନ୍ ଏବଂ ସୂଚନା ଫଳକ।

ଗ୍ରାମର ଜଣେ ବୁଦ୍ଧିଜୀବୀ ଶେଷଦେବ ଭୋଇ ସୂଚନା ଅଧିକାର ଆଇନରେ ମାଗିଥିବା ତଥ୍ୟ ଅନୁଯାୟୀ କାମ କରି ନ ଥିବା ଅନେକ ଲୋକଙ୍କ ନାମ ମଷ୍ଟରରୋଲରେ ରହିଛି। ଗ୍ରାମର ୨ ଜଣ ସରକାରୀ କର୍ମଚାରୀ ବାହାରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ନାମ ମଧ ମଷ୍ଟରରୋଲରେ ରହିଛି । ସେହିପରି ଗ୍ରାମର ମନୋଜ ଭୋଇ, ଲଳିତ ଭୋଇ ମଧ କାମ ନ କରି ତାଙ୍କ ନାମ ମଷ୍ଟରରୋଲରେ ଥିବା ଅଭିଯୋଗ କରିଛନ୍ତି। ଅନ୍ୟ ଜଣେ ୱାର୍ଡମେମ୍ବର ତରୁଣ ଭୋଇ ମଧ ଅଭିଯୋଗ କରିଛନ୍ତି ଯେ, ସେ କାମ କରିନାହାନ୍ତି କି ଦସ୍ତଖତ ଦେଇନାହାନ୍ତି ଅଥଚ ତାଙ୍କ ନାମ ମଷ୍ଟରରୋଲରେ ଅଛି। ଏଥିରୁ ଜଣାପଡୁଛି ଯେ, ଯେହେତୁ ଏହାର ମଜୁରି ଆକାଉଣ୍ଟରେ ଦିଆଯାଇନାହିଁ। ମିଛ ସତ କରି ନାମଗୁଡିକ ଉଲ୍ଲେଖ କରି ଟଙ୍କା ଉଠାଯାଇଛି। ଏ ନେଇ ସହକାରୀ ଯନ୍ତ୍ରୀ ଗୌରାଙ୍ଗ ପ୍ରସାଦ ମାଝିଙ୍କୁ ପଚାରିବାରୁ ମୁଁ ଜାଣିନାହିଁ କ'ଣ ହୋଇଛି, ତଦନ୍ତ ପରେ ଜଣାପଡିବି ବୋଲି କହିଛନ୍ତି। ବିଡିଓଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଅନ୍ୟପଟେ କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅମ୍ବିକା ପ୍ରସାଦ ମାଝିଙ୍କ ମୋବାଇଲ ନମ୍ବର ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ। ଏ ନେଇ ସୂଚନା ମାଗିଥିବା ଭୋଇ ଇତିମଧ୍ୟରେ କଳାହାଣ୍ଡି ଜିଲାପାଳ, ପିଡିଡିଆରଡିଏ, ଭିଜିଲାନ୍ସ ଡିଏସ୍‌ପିଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି।

**ସରକାରୀ କର୍ମଚାରୀ, କାମ କରି ନ ଥିବା ଲୋକଙ୍କ ନାମ ମଷ୍ଟରରୋଲରେ**